## ସଂକ୍ଷେପରେ

### କାଟୁଲନ ଚିଟ୍‌ଫଣ୍ଡ ନିର୍ଦ୍ଦେଶକଙ୍କୁ ଜାମିନ

**ବ୍ରହ୍ମପୁର ଅଫିସ,୨୫ା୩:** କାଟୁଲନ କ୍ରେଡିଟ କୋ-ଅପରେଟିଭ ଲିଃ ବୁଗୁଡ଼ା ଶାଖାର ଅନ୍ୟତମ ନିର୍ଦ୍ଦେଶକ ଦ୍ୱାରକାନାଥ ମିଶ୍ରଙ୍କୁ ଜାମିନ ମିଳିଛି। ସେ ସୋମବାର ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଚିଟଫଣ୍ଡ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଚିଟଫଣ୍ଡ ଜଜ୍ ଦୀପ୍ତିରଞ୍ଜନ କାନୁନଗୋ ନିର୍ଦ୍ଦେଶକ ମିଶ୍ରଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି ବୋଲି ତାଙ୍କ ଓକିଲ ଅଶୋକ କୁମାର ମହାପାତ୍ର ସୂଚନା ଦେଇଛନ୍ତି। ୨୦୧୦ରେ ବୁଗୁଡ଼ାରେ କାଟୁଲନ କ୍ରେଡିଟ କୋ-ଅପରେଟିଭ ଲିମିଟେଡ ନାମକ ଏକ ଚିଟଫଣ୍ଡ ସଂସ୍ଥା ତାର ଶାଖା ଖୋଲିଥିଲା। ଖୁବ୍ କମ ସମୟରେ ଜମାକାରୀଙ୍କୁ ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ ଉକ୍ତ ସଂସ୍ଥା ବୁଗୁଡ଼ା ଓ ତାର ଆଖପାଖ ଅଞ୍ଚଳରୁ କୋଟି କୋଟି ଟଙ୍କା ନେଇ ଠକେଇ କରିଥିଲା। ବୁଗୁଡ଼ାର ଜଣେ କ୍ଷତିଗ୍ରସ୍ତ ଜମାକାରୀ ରାମକୃଷ୍ଣ ପାଢ଼ୀ ଏନେଇ ଖୋର୍ଦ୍ଧାସ୍ଥିତ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଶାଖାରେ ୨୨।୭।୧୫ରେ ଅଭିଯୋଗ କରିଥିଲେ। ନଂ. ୧୮/୧୫ରେ ଏକ ଠକେଇ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ସଂସ୍ଥାର ୨ ଜଣ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ସେଠୀ ଓ ଅମିତ ନାୟକ ଜାମିନରେ ଛାଡ଼ ପାଇଥିବା ବେଳେ ସୋମବାର ଦ୍ୱାରିକାନାଥ ମିଶ୍ର ଜାମିନ ପାଇଛନ୍ତି ବୋଲି ଆଇନଜୀବୀ ମହାପାତ୍ର କହିଛନ୍ତି।

### ମହିଳାଙ୍କୁ ଆକ୍ରମଣ କରି ଗହଣା ଲୁଟ୍ ମାମଲା
### ୭ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବ୍ରହ୍ମପୁର ଅଫିସ,୨୫ା୩:** ଘରେ ପଶି ମହିଳାଙ୍କୁ ଆକ୍ରମଣ କରିବା ସହ ଗହଣା ଓ ଟଙ୍କା ଲୁଟ ମାମଲାର ଶୁଣାଣି ସୋମବାର ବ୍ରହ୍ମପୁର କୋର୍ଟରେ ହୋଇଥିଲା। ଏଥିରେ ଅଭିଯୁକ୍ତ ଥିବା ୭ ଜଣଙ୍କୁ ଅତିରିକ୍ତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସରୋଜ କୁମାର ଦାଶ ପ୍ରମାଣ ଅଭାବରୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଆଇନଜୀବୀ ମହେନ୍ଦ୍ର କୁମାର ଶତପଥୀ ଓ କରୁଣାକର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।
ପ୍ରକାଶ ଯେ, ୨୦୧୭ ସେପ୍ଟେମ୍ବର ୨୨ ତାରିଖରେ କେତେକ ଦୁର୍ବୃତ୍ତ ଚିକିଟିଗଡ଼ରେ ଲୁଟପାଟ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ପଣ୍ଡାଙ୍କ ଘରେ ଦୁର୍ବୃତ୍ତମାନେ ପଶି ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ସୁନାହାର, ଚେନ, ୪ ହଳ ସୁନା ଚୁଡ଼ି ଓ ୨୦ ହଜାର ଟଙ୍କା ଲୁଟି ନେଇଥିଲେ। କେ.ନୂଆଗାଁ ପୋଲିସ ନଂ. ୮୯/୧୭ରେ ମାମଲା ରୁଜୁ କରି ଏସ୍. ଟୁକୁନା, ପି. ଭୀମ, ଟି. ଜଳନ୍ଧର, ଟି. ଚେରେମ୍ମା, ଟି. ତୋଫାନ ଓ ଏସ୍. ଶୁକ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର ୧୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ଉପରୋକ୍ତ ସମସ୍ତ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଘଟଣା ପରଠାରୁ ୬ ଜଣ ଅଭିଯୁକ୍ତ ଏବେ ସୁଦ୍ଧା ଜେଲରେ ଥିବା ବେଳେ କୁକୁଡ଼ାଖଣ୍ଡି ଇନ୍ଦିରାଆବାସର ଏସ୍. ଟୁକୁନା କେବଳ ଜାମିନରେ ଆସିଥିଲେ। ସୋମବାର ସେମାନେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି।

### ବ୍ରହ୍ମପୁର, ଭଞ୍ଜନଗରରେ ଖାତା ମୂଲ୍ୟାୟନ କେନ୍ଦ୍ର

**ବ୍ରହ୍ମପୁର ଅଫିସ,୨୫ା୩:** ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ୨୦୧୯ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ତଥା ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ସୋମବାରରୁ ଆରମ୍ଭ ହୋଇଛି। ଏଥିପାଇଁ ଗଞ୍ଜାମ ଜିଲାରେ ୨ ମୂଲ୍ୟାୟନ କେନ୍ଦ୍ର ଖୋଲିଛି। ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ ଓ ବ୍ରହ୍ମପୁର ଭିଭିଗିରି ସରକାରୀ ମାଧମିକ ମହିଳା ପ୍ରଶିକ୍ଷଣ ବିଦ୍ୟାଳୟରେ ଏହି ମୂଲ୍ୟାୟନ କେନ୍ଦ୍ର ଖୋଲିଛି। ଦୁଇଟି କେନ୍ଦ୍ରରେ ମୋଟ ୬୮୮ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି। ସେଥିମଧ୍ୟରୁ ବ୍ରହ୍ମପୁର କେନ୍ଦ୍ରରେ ୩୫୨ ଏବଂ ଭଞ୍ଜନଗରରେ ୩୩୬ ଶିକ୍ଷୟିତ୍ରୀ ଶିକ୍ଷକ ନିୟୋଜିତ ହୋଇଛନ୍ତି। ମୂଲ୍ୟାୟନର ପ୍ରଥମ ଦିନରେ ଭଞ୍ଜନଗର କେନ୍ଦ୍ରରେ ୩୦୦ ଓ ବ୍ରହ୍ମପୁର କେନ୍ଦ୍ରରେ ୩୫୨ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିବା ବେଳେ ପ୍ରତିକେନ୍ଦ୍ରରେ ମୂଲ୍ୟାୟନ ତଦାରଖ ପାଇଁ ଜଣେ ସୁପରଭାଇଜର ନିୟୋଜିତ ହୋଇଥିବା ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ସୂଚନା ଦେଇଛନ୍ତି। ଆସନ୍ତା ୧୦ ଦିନ ମଧ୍ୟରେ ମୂଲ୍ୟାୟନ ଶେଷ କରିବାକୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ କୁହାଯାଇଛି। ପ୍ରତିଦିନ ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ମୂଲ୍ୟାୟନ ହେବା କେନ୍ଦ୍ର ପରିସରକୁ ମୋବାଇଲ ଫୋନ ନେବାକୁ ବାରଣ କରାଯାଇଛି।

## ବ୍ରହ୍ମପୁର ଲୋକ ସଭା ନିର୍ବାଚନମଣ୍ଡଳୀ
# ବିଜେଡି, ଭାଜପା, କଂଗ୍ରେସର ନୂଆ ପ୍ରାର୍ଥୀ

**ବ୍ରହ୍ମପୁର ଅଫିସ,୨୫ା୩**

ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ପାଇଁ ନାମାଙ୍କନ ଦାଖଲ ସୋମବାର ଶେଷ ହୋଇଛି । ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ପକ୍ଷରୁ ନୂଆ ମୁହଁଙ୍କୁ ଏଥର ପ୍ରାର୍ଥୀ କରାଯାଇଛି । ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ପ୍ରଥମେ ୨୦୦୪ ନିର୍ବାଚନରେ କଂଗ୍ରେସରୁ ଲଢ଼ି ନିର୍ବାଚିତ ହୋଇଥିଲେ। ଉପା ସରକାରରେ ସେ ରାଷ୍ଟ୍ରମନ୍ତ୍ରୀ ହେବା ସହ ଗୁରୁତ୍ୱପୂର୍ଣ୍ଣ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପାଇଥିଲେ । ପରବର୍ତ୍ତୀ ୨୦୦୯ ଓ ୨୦୧୪ ନିର୍ବାଚନରେ ଚନ୍ଦ୍ରଶେଖର କଂଗ୍ରେସରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। କଂଗ୍ରେସର ସ୍ଥିତି ଅନୁଭବ କରି ୨୦୧୮ ଏପ୍ରିଲ ୪ରେ ସେ ବିଜେଡିରେ ଯୋଗ ଦେଇଥିଲେ । ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡିରୁ ଏମ୍‌ପି ହୋଇଥିବା ସିଦ୍ଧାନ୍ତ ମହାପାତ୍ରଙ୍କୁ ଟିକେଟ ଦିଆ ନ ଯାଇ ସାହୁଙ୍କୁ ପ୍ରାର୍ଥୀ କରାଯାଇଛି । ସେ ପୁରୁଣା ଖେଳୁଆଡ଼ ହୋଇଥିଲେ ମଧ୍ୟ ବିଜେଡିରୁ ନୂଆ । କଂଗ୍ରେସ ମଧ୍ୟ ଏଥର ନୂଆ ମୁହଁକୁ ପ୍ରାର୍ଥୀ କରିଛି । ସର୍ବଦା ଦିଲ୍ଲୀରେ ରହୁଥିବା ଏବଂ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରେ ନୂଆ ଓ ଅଞ୍ଚଳବାସୀଙ୍କ ସହିତ ବିଶେଷ ସମ୍ପର୍କରେ ନ ଥିବା ଶିଳ୍ପପତି ଭି. ଚନ୍ଦ୍ରଶେଖର ନାଇଡୁ ନାମାଙ୍କନ ଦାଖଲ କରି ସାରିଛନ୍ତି । ତାଙ୍କର ପୂର୍ବ ପୁରୁଷ ଛତ୍ରପୁର ଅଞ୍ଚଳର ହୋଇଥିବାରୁ ସେ ଏମ୍‌ପି ପ୍ରାର୍ଥୀ ପାଇଁ ଟିକେଟ ପାଇଥିବା ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା କହିଛନ୍ତି । ଲୋକ ସଭା ନିର୍ବାଚନ ମଣ୍ଡଳୀର ମୁଖ୍ୟତଃ ପାରଳାଖେମୁଣ୍ଡି, ଗୋପାଳପୁର, ଚିକିଟି, ବ୍ରହ୍ମପୁର, ଛତ୍ରପୁର ବିଧାନସଭା କ୍ଷେତ୍ରରେ ତେଲୁଗୁ ଭାଷୀ ଭୋଟର ଥିବାରୁ କଂଗ୍ରେସ ତାଙ୍କୁ ପ୍ରାର୍ଥୀ କରିଛି ବୋଲି କୁହାଯାଉଛି । ନାଇଡୁ ସପ୍ତାହକ ପୂର୍ବରୁ ବ୍ରହ୍ମପୁରରେ ଡେରା ପକାଇ ବିଭିନ୍ନ ଅଞ୍ଚଳକୁ ଯାଇ ଦଳୀୟ ନେତା ଓ କର୍ମୀଙ୍କୁ ଭେଟି ତେଲୁଗୁ, ହିନ୍ଦୀ ଓ ଇଂଲିଶରେ କଥାବାର୍ତ୍ତା କରୁଛନ୍ତି । ଅପରପକ୍ଷରେ ବିଜେଡି ଓ କଂଗ୍ରେସରୁ ଦୁଇ ଚନ୍ଦ୍ରଶେଖର ନିର୍ବାଚନ ମଇଦାନକୁ ଓହ୍ଲାଇଥିବାରୁ ପ୍ରଚାର ବେଳେ ଦ୍ୱନ୍ଦ୍ୱ ସୃଷ୍ଟି ହେବା ଆଶଙ୍କାରେ ଚାଲିଛି ଚର୍ଚ୍ଚା। ସେହିପରି ଭାଜପା ପ୍ରାର୍ଥୀ ହୋଇଛନ୍ତି ରାଜ୍ୟ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର। ସେ ମଧ୍ୟ ଅବିଭକ୍ତ ଗଞ୍ଜାମ ଜିଲା ବାସିନ୍ଦା ନୁହନ୍ତି। ୨୦୧୪ ନିର୍ବାଚନରେ ଭୃଗୁ କୋରାପୁଟ ଜିଲା ଜୟପୁର ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାସ୍ତ ହୋଇଥିଲେ। କୋରାପୁଟ ଲୋକ ସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ଥିବାରୁ ଦୀର୍ଘଦିନରୁ ବ୍ରହ୍ମପୁର ଉପରେ ନଜର ପକାଇଥିଲେ। ଦଳରେ ତାଙ୍କର ପ୍ରଭାବ ଥିବାରୁ ଏମ୍‌ପି ପାଇଁ ଟିକେଟ ହାତେଇବାରେ ସଫଳ ହୋଇଛନ୍ତି। ସେ ମଧ୍ୟ ଦୁଇ ଚନ୍ଦ୍ରଶେଖରଙ୍କ ଭଳି ଏହି ଲୋକ ସଭା କ୍ଷେତ୍ରର ୭ ବିଧାନସଭା ସେଗମେଣ୍ଟକୁ ବାରମ୍ବାର ଯାଇ କର୍ମୀ ଓ ଭୋଟରଙ୍କୁ ଭେଟୁଛନ୍ତି । ଉଲ୍ଲେଖଯୋଗ୍ୟ, ୧୯୫୧-୫୨ରୁ ୨୦୧୪ ସୁଦ୍ଧା ହୋଇଥିବା ୧୬ ଲୋକ ସଭା ନିର୍ବାଚନ ମଧ୍ୟରୁ ୧୯୯୯ ରେ ବିଜେଡି ସହ ମେଣ୍ଟ ଥିବାରୁ ଭାଜପା ପ୍ରାର୍ଥୀ ଅନାଦି ସାହୁ ବିଜୟୀ ହୋଇଥିଲେ।


ଚନ୍ଦ୍ରଶେଖର ସାହୁ।


ଭି.ଚନ୍ଦ୍ରଶେଖର ନାଇଡୁ।


ଭୃଗୁ ବକ୍ସିପାତ୍ର।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ସିଦ୍ଧାନ୍ତ ମହାପାତ୍ର | ୩,୧୯,୧୦୭ |
| କଂଗ୍ରେସ | ଚନ୍ଦ୍ରଶେଖର ସାହୁ | ୨,୭୦,୩୮୭ |
| ଭାଜପା | ରାମଚନ୍ଦ୍ର ପଣ୍ଡା | ୧,୫୮,୮୧୧ |

- ଦୁଇ ଚନ୍ଦ୍ରଶେଖରଙ୍କୁ ନେଇ ଦ୍ୱନ୍ଦ୍ୱରେ ଭୋଟର
- ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ନୂଆ ଭୋଟର ହୋଇପାରନ୍ତି ନିର୍ଣ୍ଣାୟକ

## ସେଲ୍‌ଫି କର୍ଣ୍ଣରେ



ଶଙ୍କର


ଶିବ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ବ୍ରହ୍ମପୁର ସରକାରୀ ଆଇଟିଆଇ
# ସ୍କ୍ରାପରେ ୧୬ ଫୁଟର ହରିଣ ମଡେଲ

**ବ୍ରହ୍ମପୁର ଅଫିସ,୨୫ା୩**

ମରାମତି ପରେ ଅଦରକାରୀ ହୋଇଯାଉଥିବା ବସ, ଟ୍ରକ ତଥା ଯାନ୍ତ୍ରିକ ଯାନବାହନର ପୁରୁଣା ପାର୍ଟ ଓ ଅନ୍ୟାନ୍ୟ ସ୍କ୍ରାପ ସାମଗ୍ରୀକୁ ପୁନଃବିନିଯୋଗ କରିବା ଦିଗରେ ବ୍ରହ୍ମପୁର ସରକାରୀ ଆଇଟିଆଇ ଏବେ ରାଜ୍ୟ ତଥା ରାଜ୍ୟ ବାହାର ଆଇଟିଆଇଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି । ପୂର୍ବରୁ ସ୍କ୍ରାପ ସାମଗ୍ରୀରେ ଏକାଧିକ ବୃହତ୍ ଆକୃତିର ମଡେଲ ତିଆରି କରି ଚର୍ଚ୍ଚିତ ହୋଇଥିବା ଏହି ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ଏବେ ସ୍କ୍ରାପ ସାମଗ୍ରୀରେ ପ୍ରସ୍ତୁତ କରିଛନ୍ତି ୧୬ ଫୁଟ ଉଚ୍ଚ ହରିଣ ଆକୃତିର ଆଉ ଏକ ମଡେଲ। ଫିଟର, ଇଣ୍ଡଷ୍ଟ୍ରିଆଲ ପେଣ୍ଟର ଟ୍ରେଡର ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଏହି ମଡେଲକୁ ନିର୍ମାଣ ପାଇଁ ଏକ ମାସ ସମୟ ଲାଗିଥିବା ବେଳେ ସୋମବାର ଏହାକୁ ଅନୁଷ୍ଠାନ କ୍ୟାମ୍ପସ ପରିସରରେ ସ୍ଥାପନ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର ସେଣ୍ଟ୍ରାଲ ଟୁଲରୁମ ଓ ଟ୍ରେନିଂ ସେଣ୍ଟର (ସିଟିଟିସି)ପରିଚାଳନା ନିର୍ଦ୍ଦେଶକ ଶିବାଶିଷ ମୈତ୍ରୀ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗାହୀ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ଏହି ମଡେଲରେ ୩୦୦ କିଲୋ ଓଜନର ସ୍କ୍ରାପ ଆଇରନ ରଡ ବ୍ୟବହୃତ ହୋଇଛି । ଏହାର ଶରୀର କ୍ୟାମ୍ପସ ପରିସରରେ ଅବ୍ୟବହୃତ ଅବସ୍ଥାରେ ପଡିଥିବା ଆଇରନ ପାଣିଟାଙ୍କି ଅଂଶ ଦ୍ୱାରା ଆଚ୍ଛାଦିତ କରାଯାଇଥିବା ଅଧ୍ୟକ୍ଷ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗତ ୬ମାସ ମଧ୍ୟରେ ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଦ୍ୱାରା ୬ଟି ୧୫ ଫୁଟରୁ ଊର୍ଦ୍ଧ୍ୱ ସ୍କ୍ରାପ ମଡେଲ ପ୍ରସ୍ତୁତ କରାଯାଇଛି। ସେଗୁଡିକ ମଧ୍ୟରେ ୧୪ ଫୁଟ ଉଚ୍ଚତାର ପେଡିଏଟର, ୧୬ ଫୁଟ ଉଚ୍ଚତାର ମାଛ, ୩୨ ଫୁଟ ଉଚ୍ଚତାର ଜିରାଫ ଏବଂ ୨୫ ଫୁଟର ଉଚ୍ଚତାର ଝିଟିପିଟି ଆକୃତିର ମଡେଲ ପ୍ରସ୍ତୁତ କରି ସାରିଛନ୍ତି ।


ହରିଣ ମଡେଲକୁ ଲୋକାର୍ପଣ କରାଯାଉଛି ।

### ୱାରେଣ୍ଟ ବଳରେ ୩ ଗିରଫ

**ଗୋପାଳପୁର,୨୫ା୩**

ତିନୋଟି ମାମଲାର ୱାରେଣ୍ଟ ବଳରେ ଗୋଳନ୍ଥରା ପୋଲିସ ୩ ଜଣଙ୍କୁ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଡ଼ମ୍ବରୁ ବେହେରା, ବାଇରୀ ବେହେରା ଓ କମଳ ବେହେରା। ଏହି ଥାନା ଅନ୍ତର୍ଗତ କେ.ସୁବାଣୀ ଗ୍ରାମରେ ଡମ୍ବରୁ ଗଣ୍ଡଗୋଳ ଘଟଣାରେ ୨୦୧୫ରେ ଗିରଫ ହୋଇ କୋର୍ଟଚାଲାଣ ହୋଇଥିଲେ। ଜାମିନରେ ଆସିବାଠାରୁ ଡ଼ମ୍ବରୁ କୋର୍ଟରେ ହାଜର ନ ହୋଇ ଅନୁପସ୍ଥିତ ରହୁଥିଲେ। ଘରେ ଥିବା ସମୟରେ ରବିବାର ମଧ୍ୟରାତ୍ରିରେ ପୋଲିସ ତାଙ୍କୁ କାବୁ କରିଥିଲା। ଜିଆର କେସ୍ ନଂ. ୬୨୧/୧୫ ୱାରେଣ୍ଟ ଜାରି ହୋଇଥିଲା। ୨୦୧୩ରେ ଏକ ମାମଲାରେ ବାଇରୀ କୋର୍ଟରେ ସାକ୍ଷ୍ୟ ପ୍ରଦାନ କରୁ ନ ଥିଲେ। ଏନେଇ ଜିଆର କେସ ନଂ. ୫୩/୧୩ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ଗ୍ରାମରେ ପୋଲିସ ଚଢ଼ାଉ କରି ବାଇରୀଙ୍କୁ କାବୁ କରିଥିଲା। ସେହିପରି ୨୦୦୮ରେ ଏକ ମାମଲାରେ କୋର୍ଟକୁ ଠିକ ସମୟରେ କମଳ ଆସୁ ନ ଥିଲେ । ନଂ.୫୬୬/୦୮ରେ କୋର୍ଟ ୱାରେଣ୍ଟ ଜାରି କରିଥିଲେ। ଘରେ ଥିବା ସମୟରେ ଗୋଳନ୍ଥରା ଥାନା ପୋଲିସ ଚଢ଼ାଉ କରି କମଳଙ୍କୁ କାବୁ କରିଥିଲା।

### ୧୨୬ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୨୫ା୩**

ଆଗକୁ ସାଧାରଣ ନିର୍ବାଚନ ହେବାକୁ ଯାଉଛି। ଅବାଧ ଓ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ କିପରି ହୋଇପାରିବ ସେନେଇ ପୋଲିସ ପ୍ରସ୍ତୁତି ଆରମ୍ଭ କରିଛି । ମଦ କାରବାର ରୋକିବା ପାଇଁ ଧରପଗଡ଼ ଅଭିଯାନକୁ ଏବେ ତ୍ୱରାନ୍ୱିତ କରିଛି । ଏହି ଧାରାରେ ସଦର ଥାନା ପୋଲିସ ପ୍ରାୟ ୧୨୬ ଲିଟର ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରିବା ସହ ବେପାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣକ ହେଲେ ବାବୁଲା ଓରଫ ମନୋଜ ପଟ୍ଟନାୟକ ଓ ଘର ଡ଼େଙ୍ଗାପଦର ବୋଲି ପୋଲିସ କହିଛି । ବେଆଇନ ଭାବେ ମଦ ବିକ୍ରି ହେଉଥିବା ଖବର ପାଇ ପୋଲିସ ଗତ ୨୨ରେ ଡ଼େଙ୍ଗାପଦରରେ ଚଢ଼ାଉ କରିଥିଲା। ପୋଲିସକୁ ଦେଖି ବ୍ୟବସାୟୀ ଜଣକ ମଦ ଛାଡ଼ି ଚାଲି ଯାଇଥିଲେ। ସେଠାରୁ ୧୨୫.୧୯୦ ଲିଟର ବିଦେଶୀ ମଦ ପୋଲିସ ଜବତ କରିଥିଲା। ଫେରାର ବ୍ୟବସାୟୀ ରବିବାର ରାତିରେ ଘରେ ଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ନଂ. ୭୪/୧୯ରେ ମାମଲା ରୁଜୁ କରି ମନୋଜଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି । ମନୋଜ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ବେଳେ ଗତ ୧୫ତାରିଖରେ ଗିରଫ ହୋଇ ଜେଲ ଯାଇଥିଲେ। ଜାମିନରେ ଆସି ପୁଣିଥରେ ମଦ ବିକ୍ରି କରି ଧରା ପଡ଼ିଥିବା ତଦନ୍ତକାରୀ ଅଧିକାରୀ ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି । ମାର୍ଚ୍ଚ ୨୫ ତାରିଖ ଭିତରେ ସଦର ଥାନା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଭାବେ ବିଦେଶୀ ଓ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ୧୪ ଜଣଙ୍କୁ ଗିରଫ କରିଥିଲା। ୪୦୬ ଲିଟର ମଦ ଜବତ କରାଯାଇଥିବା ଥାନାଧିକାରୀ ଭାବନାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି ।

# ହେଭିୱେଟ୍ ନେତାଙ୍କ ପ୍ରାର୍ଥୀପତ୍ର ଦାଖଲ

**ବ୍ରହ୍ମପୁର ଅଫିସ,୨୫ା୩**

ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ବ୍ରହ୍ମପୁର, ଗୋପାଳପୁର ଏବଂ ଦିଗପହଣ୍ଡି ବିଧାନସଭା କ୍ଷେତ୍ର ଓ ଆସିକା ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ସାନଖେମୁଣ୍ଡି ବିଧାନସଭା ପାଇଁ ସୋମବାର ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରେ ପ୍ରଥମ ପର୍ଯ୍ୟାୟରେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବ। ସୋମବାର ଥିଲା ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ। ସେହିଭଳି ଦ୍ୱିତୀୟ ପର୍ଯ୍ୟାୟରେ ଆସିକା ଲୋକ ସଭା କ୍ଷେତ୍ର ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ। ତେବେ ସୋମବାର ଏହି ୪ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କୁ ନେଇ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଆଖପାଖ ଅଞ୍ଚଳରେ ନେତା ଏବଂ ସମର୍ଥକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଜିଲାର ବହୁ ହେଭିୱେଟ୍ ନେତା ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଏମାନଙ୍କ ମଧ୍ୟରେ ଥିଲେ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ପ୍ରଦୀପ ପାଣିଗ୍ରାହୀ, ରମେଶ ଚନ୍ଦ୍ର ଜେନା, ବିଭୁତି ଭୂଷଣ ଜେନା, ନନ୍ଦିନୀ ଦେବୀ, ବିକ୍ରମ ପଣ୍ଡା, ଶିବ ଶଙ୍କର ଦାସ ଏବଂ ପିଙ୍କି ପ୍ରଧାନ ପ୍ରମୁଖ ।

**ସୂର୍ଯ୍ୟନାରାୟଣ ପାତ୍ର:** ଦିଗପହଣ୍ଡି ବିଧାନସଭା ଆସନ ପାଇଁ ବିଜେଡ଼ି ତରଫରୁ ସୋମବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର। ମନ୍ତ୍ରୀ ପାତ୍ରଙ୍କ ବହୁ ସମର୍ଥକ ଦିଗପହଣ୍ଡିରୁ ବାହାରି ବ୍ରହ୍ମପୁର ହିଲ୍‌ପାଟଣା ଗଣେଶ ମନ୍ଦିର ପାଖରେ ଏକାଠି ହୋଇଥିଲେ। ସେଠାରୁ ବିରାଟ ପଟୁଆରେ ଟାଟା ବେଞ୍ଜ ଏବଂ କମାପଲ୍ଲୀ ଛକ ହୋଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ରିଟର୍ନିଂ ଅଫିସରଙ୍କ ପାଖରେ ନିଜର ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେ କହିଥିଲେ, ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ ଏହି ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିଛି। ଏଣୁ ଚଳିତ ନିର୍ବାଚନରେ ସେ ବିପୁଳ ସଂଖ୍ୟାରେ ବିଜୟୀ ହେବେ ।

**ବିକ୍ରମ ପଣ୍ଡା:** ଯୁବନେତା ବିକ୍ରମ ପଣ୍ଡା ବ୍ରହ୍ମପୁର ବିଧାନସଭା କ୍ଷେତ୍ର ପାଇଁ ବିଜେଡ଼ି ତରଫରୁ ସୋମବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସକାଳ ପ୍ରାୟ ସାଢ଼େ ୯ଟା ବେଳେ ସେ ବୁଢ଼ୀ ଠାକୁରାଣୀଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଗୋଟିଏ ସେଟ୍ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କ ସହ ଥିଲେ ବ୍ରହ୍ମପୁର ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବ୍ରହ୍ମପୁର ଲୋକ ସଭା କ୍ଷେତ୍ର ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ, ବିଡ଼ିଏ ଅଧ୍ୟକ୍ଷ ସୁବାସ ମହାରଣା, କେ. ଅନିଲ, ମହିଳା ବିଜେଡ଼ି ସଭାନେତ୍ରୀ ସଂଘମିତ୍ରା ଦଳେଇଙ୍କ ସମେତ ବିଜେଡ଼ିର ବହୁ ତୁଙ୍ଗନେତା ଉପସ୍ଥିତ ଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ରିଟର୍ନିଂ ଅଫିସରଙ୍କ ପାଖରେ ପ୍ରାର୍ଥୀପତ୍ର ଦାଖଲ କରି ଫେରିଯାଇଥିଲେ। ସେ କହିଥିଲେ, ବ୍ରହ୍ମପୁରର ଜନସାଧାରଣଙ୍କ ଆଶୀର୍ବାଦ ତାଙ୍କ ସହ ରହିଛି। ଦୀର୍ଘ ବର୍ଷ ହେଲା ସେ ଲୋକଙ୍କ ସୁଖଦୁଃଖରେ ସାମିଲ୍ ହୋଇଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ପ୍ରତ୍ୟକ ଛକରେ ଯେଉଁଭଳି ଭାବେ ଲୋକମାନେ ସମ୍ବର୍ଦ୍ଧିତ ଏବଂ ସମର୍ଥନ କରିଛନ୍ତି, ସେଥିରୁ ପ୍ରମାଣିତ ହେଉଛି ଯେ ଏଥର ବିଜୟ ନିଶ୍ଚିତ।

**ଡ. ପ୍ରଦୀପ କୁମାର ପାଣିଗ୍ରାହୀ:** ଗୋପାଳପୁର ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ବିଜେଡ଼ି ଜିଲା ସଭାପତି ତଥା ବର୍ତ୍ତମାନର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ। ଲାଞ୍ଜିପଲ୍ଲୀ କାଞ୍ଚିଆମ୍ମା ମନ୍ଦିରରେ ଗୋପାଳପୁର ନିର୍ବାଚନ ମଣ୍ଡଳୀର ବହୁ ଜନସାଧାରଣ, ବିଜେଡ଼ି କର୍ମୀ ଏବଂ ସମର୍ଥକମାନେ ଏକାଠି ହୋଇଥିଲେ। ସେଠାରୁ ଏକ ପଟୁଆରରେ ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହ ବିଜେଡ଼ିର ବହୁ ତୁଙ୍ଗନେତା ରହିଥିଲେ। ସେ କହିଥିଲେ, କିଛି ବର୍ଷ ପୂର୍ବେ ଓଡ଼ିଶାକୁ ଏକ ପଛୁଆ ଏବଂ ଅନୁନ୍ନତ ରାଜ୍ୟ ଭାବେ ଦେଶବ୍ୟାପୀ ପରିଚିତ ଥିଲା । ନବୀନ ସରକାରଙ୍କ ଅମଳରେ ଓଡ଼ିଶା ବିକାଶଶୀଳ ରାଜ୍ୟ ହୋଇପାରିଛି। ରାଜ୍ୟ ସରକାରଙ୍କ ପ୍ରତ୍ୟକ ଯୋଜନା ଘରେ ଘରେ ପହଞ୍ଚିଛି । ଗତ ଦୁଇଟି ନିର୍ବାଚନ ଜିତିଛି । ଚଳିତ ଥର ମଧ୍ୟ ବିପୁଳ ଭୋଟ୍‌ରେ ଜିତିବି ।

**ରମେଶ ଚନ୍ଦ୍ର ଜେନା:** କଂଗ୍ରେସ ତରଫରୁ ସାନଖେମୁଣ୍ଡି ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ରମେଶ ଚନ୍ଦ୍ର ଜେନା। ସାନଖେମୁଣ୍ଡି ଅଞ୍ଚଳରୁ ରମେଶଙ୍କ ସମର୍ଥକମାନେ ବସ୍‌ରେ ଆସି ବ୍ରହ୍ମପୁର ଫାଷ୍ଟଗେଟ୍‌ରେ ଏକାଠି ହୋଇଥିଲେ। ସେଠାରୁ ରମେଶ ଏକ ଶୋଭାଯାତ୍ରାରେ ଆସିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ରିଟର୍ନିଂ ଅଫିସରଙ୍କ ପାଖରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସେ କହିଥିଲେ, ସାନଖେମୁଣ୍ଡି ଅଞ୍ଚଳର ଚାଷୀ, ଯୁବକ, ଖଟିଖିଆ, ଶ୍ରମିକ ଏବଂ ମହିଳାଙ୍କୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି। କାହାର ମଧ୍ୟ ବିକାଶ ହୋଇନାହିଁ। ଏ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ସରକାରଙ୍କ ବିରୋଧରେ ଜନମତ ସୃଷ୍ଟି ହେଉଛି । ଏଣୁ ନିର୍ବାଚନରେ ବିଜୟ ସୁନିଶ୍ଚିତ ।

**ବିଭୂତି ଭୂଷଣ ଜେନା:** ଭାଜପା ରାଜ୍ୟ ସମ୍ପାଦକ ବିଭୂତି ଭୂଷଣ ଜେନା ଗୋପାଳପୁର ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । କନିଷି ନିକଟରୁ ବିଭୁତିଙ୍କ ଶୋଭାଯାତ୍ରା ବାହାରିଥିଲା। ଜାତୀୟ ରାଜପଥରେ ଏହି ଶୋଭାଯାତ୍ରା ଆସି ଲାଞ୍ଜିପଲ୍ଲୀ ହୋଇ କୋର୍ଟ ପାଖରେ ପହଞ୍ଚିଥିଲା। ପ୍ରାର୍ଥୀପତ୍ର ଦାଖଲ ପରେ ସେ କହିଥିଲେ, ନବୀନ ସରକାରଙ୍କ ଅମଳରେ ଗୋପାଳପୁରର ଜନତା ତ୍ରାହିତ୍ରାହି ଡାକିଲେଣି। ଲୋକମାନେ ଅବହେଳିତ ଅବସ୍ଥାରେ ଅଛନ୍ତି। ରାଜ୍ୟ ସରକାରଙ୍କ ଯୋଜନାକୁ ବିଜେଡ଼ି କର୍ମୀମାନେ ହଡପ କରୁଛନ୍ତି । କେନ୍ଦ୍ର ସରକାରଙ୍କ ଯୋଜନା ପହଞ୍ଚି ପାରୁନି । ବର୍ତ୍ତମାନର ବିଧାୟକଙ୍କ କାର୍ଯ୍ୟରେ ଲୋକମାନେ ଅତିଷ୍ଠ ହେଲେଣି। ଗୋପାଳପୁର ଜନତା ପରିବର୍ତ୍ତନ ଚାହୁଁଛନ୍ତି। ଏଥର ନିଶ୍ଚିତ ପରିବର୍ତ୍ତନ ହେବ ବୋଲି ସେ କହିଥିଲେ ।

**ପିଙ୍କି ପ୍ରଧାନ:** ଦିଗପହଣ୍ଡି ବିଧାନସଭା ପାଇଁ ଭାଜପା ତରଫରୁ ପିଙ୍କି ପ୍ରଧାନଙ୍କ ନାମ ଘୋଷଣା ପରଠୁ ବିବାଦ ଦେଖାଦେଇଥିଲା । ବହୁ ବିବାଦ ଭିତରେ ପିଙ୍କି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସେ କହିଥିଲେ, ଦିଗପହଣ୍ଡି ଜନତାଙ୍କ ସହ ସେ ବହୁ ଦିନ ହେଲା ଜଡ଼ିତ ଅଛନ୍ତି । ଅଞ୍ଚଳକୁ କ୍ରମାଗତ ଗସ୍ତ କରୁଛନ୍ତି । ସେ ବାହାର ଅଞ୍ଚଳର ନୁହଁ । ଦିଗପହଣ୍ଡିର ବୋହୂ ଏବଂ ହିଞ୍ଜିଳିର ଝିଅ। ଅଞ୍ଚଳର ସମସ୍ୟାକୁ ଭଲ ଭାବେ ଜାଣିଛି । ନିର୍ବାଚନରେ ବିଜୟୀ ହୋଇ ଦିଗପହଣ୍ଡିର ଜନତାଙ୍କ ପାଇଁ କାର୍ଯ୍ୟ କରିବି ବୋଲି ପ୍ରକାଶ କରିଛନ୍ତି ।

**ନନ୍ଦିନୀ ଦେବୀ:** ବିଜେଡ଼ି ତରଫରୁ ସାନଖେମୁଣ୍ଡି ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ଧରାକୋଟ ରାଣୀ ନନ୍ଦିନୀ ଦେବୀ। ଲଗାତର ସେ ଦ୍ୱିତୀୟ ଥର ପାଇଁ ବିଜେଡ଼ିରୁ ଟିକେଟ୍ ପାଇଛନ୍ତି। ୨୦୧୪ରେ ୬୧ ହଜାର ୭୭୩ଖଣ୍ଡ ଭୋଟ୍ ପାଇ ନନ୍ଦିନୀ ଦେବୀ ବିଜୟୀ ହୋଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା କଂଗ୍ରେସର ରମେଶ ଚନ୍ଦ୍ର ଜେନା ୫୩ ହଜାର ୫୫୧ଖଣ୍ଡ ଭୋଟ୍ ପାଇଥିଲେ। ଗତ ପାଞ୍ଚ ବର୍ଷ ହେଲା ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ସାଧାରଣ ଜନତାଙ୍କ ପାଇଁ କାର୍ଯ୍ୟ କରିଛି । ଏଣୁ ଏଥର ମଧ୍ୟ ବିଜୟୀ ହେବି ବୋଲି ସେ ପ୍ରକାଶ କରିଛନ୍ତି ।





ସୂର୍ଯ୍ୟନାରାୟଣ ପାତ୍ର । ବିକ୍ରମ ପଣ୍ଡା । ରମେଶ ଚନ୍ଦ୍ର ଜେନା । ପ୍ରଦୀପ କୁମାର ପାଣିଗ୍ରାହୀ ।


ବିଭୁତି ଭୂଷଣ ଜେନା।


ନନ୍ଦିନୀ ଦେବୀ।


ପିଙ୍କି ପ୍ରଧାନ ।

## ସଂକ୍ଷେପରେ

### ପୋଷ୍ଟର ଚିରାକୁ ନେଇ ଉତ୍ତେଜନା, ଥାନାରେ ଏତଲା

**ଦିଗପହଣ୍ଡି,୨୫ା୩(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ଗୌଡ଼ଗାଁରେ ବିଜେଡିର ପୋଷ୍ଟର ଚିରାକୁ କେନ୍ଦ୍ରକରି ଚାପା ଉତ୍ତେଜନା ଲାଗି ରହିଛି। ରବିବାର ବିଳମ୍ବିତ ରାତିରେ ଗ୍ରାମର ବଜାର ଛକରେ ଥିବା ଅମର ବେହେରାଙ୍କ ଘର କାନ୍ଥରେ ଲାଗିଥିବା ମୁଖ୍ୟମନ୍ତ୍ରୀଙ୍କ ଫଟୋ ସମ୍ବଳିତ ପୋଷ୍ଟରକୁ କେହି ଉପାଡି ନେଇଥିଲେ। ସୋମବାର ସକାଳେ ଏନେଇ ଭାଜପା ଗୋଷ୍ଠୀର ଯୁବକଙ୍କ ସହ କଥା କଟାକଟି ଓ ଯୁକ୍ତିତର୍କ ହୋଇଥିଲା। ସନ୍ଧ୍ୟାରେ ପୁଣି ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଭାଜପାର କେତେଜଣ କର୍ମୀ ଜବରଦସ୍ତ ଅମରଙ୍କ ଛାତ ଉପରେ ଚଢ଼ି ପୋଷ୍ଟର ଉପାଡ଼ି ନେବା ସହ ତାଙ୍କୁ ଧମକ ଚମକ ଦେଇଥିବା ସେ କେ.ନୂଆଗାଁ ଥାନାରେ ଏତଲା ଦେଇଛନ୍ତି।

୩୦ରେ ଛତ୍ରପୁର ଓକିଲ ସଂଘ ନିର୍ବାଚନ

### ପ୍ରାର୍ଥୀପତ୍ର ଯାଞ୍ଚ, ପ୍ରତ୍ୟାହାର ଆଜି

**ଛତ୍ରପୁର,୨୫ା୩(ଡି.ଏନ.ଏ.):** ଛତ୍ରପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଚଳିତ ମାସ ୩୦ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଦିନ ହିଁ ନିର୍ବାଚନ ପରେ ଭୋଟ ଗଣତି ହୋଇ ଫଳାଫଳ ଘୋଷଣା ହେବ। ମଙ୍ଗଳବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର, ଯାଞ୍ଚ ଓ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସୋମବାର ଛତ୍ରପୁର ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା। ସଭାପତି ପାଇଁ କେ. ଶିବରାମ ରେଡ୍ଡୀ, କେ. କମଳ ଲୋଚନ ଦାସ ଓ ରାମକୃଷ୍ଣ ଦାଶ, ଉପସଭାପତି ପାଇଁ ସନ୍ତୋଷ କୁମାର ପଶୁପାଳକ, ସୁରେନ୍ଦ୍ର କୁମାର ପଣ୍ଡା ଓ ଡମିନାଥ ସାହୁ, ସାଧାରଣ ସମ୍ପାଦକ ପାଇଁ ଏସ୍. ଶ୍ୟାମ କୁମାର ରାଓ, ଡି. ପଦ୍ମନାଭ ପ୍ରଧାନ ଓ ଶିବ ପ୍ରସାଦ ସାହୁ, ସମ୍ପାଦକ (ଲାଇବ୍ରେରୀ ଓ ସେମିନାର) ପାଇଁ ବିଶ୍ୱ ଭୂଷଣ ପାଢ଼ୀ ଓ ଅପସାର ଜାନ୍ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

### ସ୍ୱାମୀ ଆକ୍ରମଣରେ ସ୍ତ୍ରୀ ଗୁରୁତର

**ବାଲିଗୁଡ଼ା,୨୫ା୩(ଡି.ଏନ୍.ଏ.):** କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଡ଼ିମାହା ଗ୍ରାମପଞ୍ଚାୟତର କାଚାବାଲି ଗ୍ରାମରେ ଏକ ଅଭାବବନୀୟ ଘଟଣା ଘଟିଛି। ସ୍ତ୍ରୀର ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ମରଣାନ୍ତକ ଆକ୍ରମଣ କରିଥିବା ନେଇ ବାଲିଗୁଡ଼ା ଥାନାରେ ସୋମବାର ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ କରିଛନ୍ତି ଆହତ ମହିଳାଙ୍କ ଭାଇ। ପ୍ରକାଶ ଯେ, ଗ୍ରାମର ଚନ୍ଦ୍ରକାନ୍ତ ପାତ୍ର ରବିବାର ସନ୍ଧ୍ୟାରେ ସ୍ତ୍ରୀଙ୍କୁ ଲୁହାଛଡରେ ଆକ୍ରମଣ କରିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡା ମେଡିକାଲରେ ଭର୍ତ୍ତି କରିଥିଲେ। ଏନେଇ ସମ୍ପୃକ୍ତ ମହିଳାଙ୍କ ଭାଇ ଗୋପବନ୍ଧୁ ପ୍ରଧାନ ସୋମବାର ବାଲିଗୁଡ଼ା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଭୋଉଣୀର ଚରିତ୍ରକୁ ସନ୍ଦେହ କରି ଭିଣୋଇ ଏପରି ଆକ୍ରମଣ କରିଥିବା ଏତଲାରେ ଦର୍ଶାଇଛନ୍ତି। ପୋଲିସ ନଂ.୫୪/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବାଲିଗୁଡ଼ା ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା କହିଛନ୍ତି।

# ଛୁଟି ପରେ ହେଲା ନାମାଙ୍କନପତ୍ର ଦାଖଲ


ସୁବାସ ଶୋଭାଯାତ୍ରାରେ ଯାଉଛନ୍ତି।


ସମର୍ଥକଙ୍କ ସହ ଭୃଗୁ ଓ ପ୍ରଶାନ୍ତ


ସିପିଆଇ ପ୍ରାର୍ଥୀ ପ୍ରଦୀପ ସେଠୀ


ଏମ୍‌ପି ପ୍ରାର୍ଥୀନି ପ୍ରମିଳା ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ଛତ୍ରପୁର,୨୫ା୩(ଡି.ଏନ.ଏ.)**

**ଗଞ୍ଜାମ ଜିଲା**

**■ପ୍ରଥମ ପର୍ଯ୍ୟାୟ ପାଇଁ ଯାଞ୍ଚ ଆଜି**

**■ଛତ୍ରପୁର ଲୋକାରଣ୍ୟ**

ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ବ୍ରହ୍ମପୁର ଲୋକସଭା ଏବଂ ଏହା ଅଧୀନ ବିଧାନସଭା ଆସନ ପାଇଁ ପ୍ରାର୍ଥୀପତ୍ର ଦାଖଲ ସୋମବାର ଶେଷ ହୋଇଛି। ମଙ୍ଗଳବାର ପ୍ରାର୍ଥୀପତ୍ର ଯାଞ୍ଚ ଏବଂ ୨୮ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଓ ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଅନ୍ୟପକ୍ଷରେ ଆସିକା ଲୋକ ସଭା ଓ ଏହା ଅଧୀନ ୭ ବିଧାନସଭା ଆସନ ଏବଂ କନ୍ଧମାଳ ଲୋକସଭା ଅଧୀନ ଭଞ୍ଜନଗର ବିଧାନସଭା ଆସନ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ ଶେଷ ଦିବସ ରହିଛି। ୩ ଦିନ ଛୁଟି ପରେ ସୋମବାର ପୁଣି ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଥିବାରୁ ଛତ୍ରପୁରରେ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ମାନଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଏପରିକି ଛୋଟ ବଡ ଯାନବାହନ ମଧ୍ୟ ଜାତୀୟ ରାଜପଥ ପାର୍ଶ୍ୱ ଏବଂ ବିଭିନ୍ନ ଛକ ଓ ରାସ୍ତାର ଦୁଇ ପାର୍ଶ୍ୱରେ ପାର୍କିଂ ହୋଇଥିଲା। ଭିଡ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆସିକା ଲୋକସଭା ଆସନ ପାଇଁ ବିଜେଡିରୁ ପ୍ରମିଳା ବିଷୋୟୀ ଓ ଛତ୍ରପୁର ବିଧାନସଭା ଆସନ ପାଇଁ ସୁବାସ ଚନ୍ଦ୍ର ବେହେରା ବିରାଟ ଶୋଭାଯାତ୍ରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରମିଳା ରିଟର୍ନିଂ ଅଫିସର ତଥା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଠାରେ ଏବଂ ସୁବାସ ଛତ୍ରପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପ୍ରିୟ ରଞ୍ଜନ ପୃଷ୍ଟିଙ୍କଠାରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ତାଙ୍କ ସହ ପ୍ରଦୀପ ପାଣିଗ୍ରାହୀ, ସୁବର୍ଣ୍ଣମାଳା ବିଷୋୟୀ, ଜି. ପାପା ରାଓ, ଚନ୍ଦ୍ର ଶେଖର ରାଓ, କିଶୋର ସେନାପତି ପ୍ରମୁଖ ଆସିଥିଲେ।

ସେହିପରି ଭାଜପା ପକ୍ଷରୁ ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ଭୃଗୁ ବକ୍ସିପାତ୍ର ଓ ଛତ୍ରପୁର ବିଧାନସଭା ଆସନ ପାଇଁ ପ୍ରଶାନ୍ତ କର ଶୋଭାଯାତ୍ରାରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଡିଆରଡିଏ ପିଡି ତଥା ରିଟର୍ନିଂ ଅଫିସର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କଠାରେ ଭୃଗୁ ଓ ଛତ୍ରପୁର ଉପଜିଲାପାଳଙ୍କ ଠାରେ ପ୍ରଶାନ୍ତ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏମାନଙ୍କ ସହ ଗଞ୍ଜାମ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କର, ଛତ୍ରପୁର ନଗର ଭାଜପା ସଭାପତି ପ୍ରଦୀପ ପାଢ଼ୀ, ଚୈତନ୍ୟ ପ୍ରଧାନ ପ୍ରମୁଖ ସାମିଲ ଥିଲେ। ସିପିଆଇରୁ ଆସିକା ଲୋକସଭା ଆସନ ପାଇଁ ରାମକୃଷ୍ଣ ପଣ୍ଡା ଓ ଛତ୍ରପୁର ବିଧାନସଭା ଆସନ ପାଇଁ ପ୍ରଦୀପ ସେଠୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ।

ବ୍ରହ୍ମପୁର ଲୋକସଭା ଆସନ ପାଇଁ ତିରୁପତି ରାଓ କର୍‌ନମ୍ (ବିଏସପି), ଶ୍ରୀହରି ପଟ୍ଟନାୟକ (ଓଡିଶା ପ୍ରଗତି ଦଳ) ଓ ଚନ୍ଦ୍ର ଶେଖର ନାଇଡୁ (କଂଗ୍ରେସ), ଆସିକା ଲୋକସଭା ଆସନ ପାଇଁ କେ. ଶ୍ୟାମବାବୁ ସୁବୁଦ୍ଧି (ସ୍ୱାଧୀନ), ରାଜୀବ ଚନ୍ଦ୍ର ଖାଡଙ୍ଗା (ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ), ଅନୀତା ଶୁଭଦର୍ଶିନୀ (ଭାଜପା) ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଛତ୍ରପୁର ବିଧାନସଭା ଆସନ ପାଇଁ ମନୋଜ କୁମାର ଦାସ (ନ୍ୟାଶନାଲ ଆମ୍ବେଡକର), ନଟବର ବେହେରା (ରାଷ୍ଟ୍ରୀୟ ସ୍ୱାଧୀନ ମୋର୍ଚ୍ଚା), ସ୍ୱାଧୀନ ଭାବେ ସୁରେନ୍ଦ୍ର ବେହେରା, ଚୈତନ୍ୟ ପ୍ରଧାନ ଓ ସସ୍ମିତା କର, ଚିକିଟି ବିଧାନସଭା ଆସନ ପାଇଁ ବିଭୁଦେନ୍ଦ୍ର ପାଢ଼ୀ (ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ), ମନୋରଞ୍ଜନ ଦ୍ୟାନସାମନ୍ତରାୟ (ଭାଜପା), ସରୋଜ କୁମାର ପଣ୍ଡା (ଭାଜପା) ଓ ସୁବାସ ରାଉତ (କଂଗ୍ରେସ), ପୋଲସରା ବିଧାନସଭା ଆସନ ପାଇଁ ଶ୍ରୀକାନ୍ତ ସାହୁ (ବିଜେଡି), ଗୋଲାପ ସାହୁ (ବିଜେଡି), ହରିଚରଣ ସ୍ୱାଇଁ (କଂଗ୍ରେସ), ସମୀରଜିତ୍ ମହାନ୍ତି (ଫରୱାର୍ଡ ବ୍ଲକ) ଓ ଗୋକୁଳାନନ୍ଦ ମଲ୍ଲିକ (ଭାଜପା), ହିଞ୍ଜିଳି ବିଧାନସଭା ଆସନ ପାଇଁ ରାମକୃଷ୍ଣ ପଣ୍ଡା (କଂଗ୍ରେସ), ବାବୁଲା ସାହୁ (ସ୍ୱାଧୀନ), କବିସୂର୍ଯ୍ୟନଗର ବିଧାନସଭା ଆସନ ପାଇଁ ରଞ୍ଜନ ପଲାଇ (ଭାଜପା), ବିଜୟ ସାହୁ (କଂଗ୍ରେସ), ଖଲ୍ଲିକୋଟ ବିଧାନସଭା ଆସନ ପାଇଁ ସୂର୍ଯ୍ୟମଣି ବୈଦ୍ୟ (ବିଜେଡି), ଭୋକାଲି ସେଠୀ (କଂଗ୍ରେସ) ଓ ଭାରତୀ ବେହେରା (ଭାଜପା) ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

■ କନ୍ଧମାଳ ଲୋକ ସଭା ଆସନ

# ବିଜେଡିରୁ ଅଚ୍ୟୁତ, ସିପିଆଇରୁ ଟୁନାଙ୍କ ପ୍ରାର୍ଥୀପତ୍ର ଦାଖଲ

**ଫୁଲବାଣୀ ଅଫିସ, ୨୫ା୩**

କନ୍ଧମାଳ ଲୋକ ସଭା ଆସନ ପାଇଁ ବିଜେଡିରୁ ଅଚ୍ୟୁତ ସାମନ୍ତ ଓ ସିପିଆଇ(ଏମ୍‌ଏଲ୍) ରେଡ ଷ୍ଟାର ପକ୍ଷରୁ ଆଦିବାସୀ ନେତା ଟୁନା ମଲ୍ଲିକ ସୋମବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଅଚ୍ୟୁତ ପ୍ରଥମେ ମାଦିକୁନ୍ଦା ଛକରୁ ଦଳୀୟ କର୍ମୀଙ୍କ ଗହଣରେ ଶୋଭାଯାତ୍ରାରେ ବାହାରି ସହରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଜିଲାପାଳ ତଥା ରିଟର୍ନିଂ ଅଫିସରଙ୍କ ପାଖରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ପରେ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ସମସ୍ତ ଶୁଭେଚ୍ଛୁ ଓ ଦଳୀୟ ସମର୍ଥକଙ୍କୁ କୃତଜ୍ଞତା ଜଣାଇଥିଲେ। ରାଜ୍ୟର ବିକାଶଧାରା ଜାରି ରଖିଥିବା ମୁଖ୍ୟମନ୍ତ୍ରୀ କନ୍ଧମାଳ ଜିଲା ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଜିଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ବିକାଶ, ମେଡିକାଲ କଲେଜ ସ୍ଥାପନ, ଯୁବଗୋଷ୍ଠୀଙ୍କ ବିକାଶ ପାଇଁ ନିଜ ଅଭିଜ୍ଞତାକୁ କାମରେ ଲଗାଇବି ବୋଲି ଅଚ୍ୟୁତ କହିଥିଲେ।

ସେହିପରି ସିପିଆଇ(ଏମ୍‌ଏଲ୍) ରେଡ ଷ୍ଟାର ପ୍ରାର୍ଥୀ ଟୁନା ମଧ୍ୟ ତାଙ୍କର ଅଳ୍ପ ସଂଖ୍ୟକ ସମର୍ଥକଙ୍କ ଗହଣରେ ଆସି ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ପ୍ରାର୍ଥୀପତ୍ର ଦାଖଲ ସମୟରେ ପାର୍ଟି ରାଜ୍ୟ ସମ୍ପାଦକ କମ୍ରେଡ ଶିବରାମଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କ ମୌଳିକ ସମସ୍ୟା ସମାଧାନରେ ସମ୍ପୂର୍ଣ୍ଣ ବିଫଳ ବୋଲି ଟୁନା କହିବା ସହ ଆଦିବାସୀ, ଦଳିତ, ଚାଷୀ, ଗରୀବଙ୍କ ସମସ୍ୟାକୁ ନେଇ ପ୍ରାର୍ଥୀ ହୋଇଛି ବୋଲି ପ୍ରତିକ୍ରିୟାରେ କହିଥିଲେ।


ଅଚ୍ୟୁତ ସାମନ୍ତ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

■ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ: ନାମାଙ୍କନ ଦାଖଲ ସରିବ ଆଜି

# ୩ ନିର୍ବାଚନ ମଣ୍ଡଳୀରୁ ୯ ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ

**ଭଞ୍ଜନଗର,୨୫ା୩(ଡି.ଏନ.ଏ.)**

**ଭଞ୍ଜନଗରରୁ ୪, ସୋରଡ଼ାରୁ ୩, ଆସିକାରୁ ୨**

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିନ। ଦ୍ୱିତୀୟ ପର୍ଯ୍ୟାୟରେ ଗଞ୍ଜାମ ଜିଲାର ଭଞ୍ଜନଗର, ସୋରଡ଼ା ଓ ଆସିକା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏପ୍ରିଲ ୧୮ରେ ମତଦାନ ହେବ। ସୋମବାର ଏହି ୩ ନିର୍ବାଚନ ମଣ୍ଡଳୀରୁ ବିଭିନ୍ନ ଦଳର ୯ ପ୍ରାର୍ଥୀ ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ ବିଜେଡ଼ିରୁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, କଂଗ୍ରେସରୁ ସଞ୍ଜୟ କୁମାର ତ୍ରିପାଠୀ, ବିଏସ୍‌ପିରୁ ନରସିଂହ ଗୌଡ଼ ଓ ସିପିଆଇ (ଏମ୍‌ଏଲ) ରେଡ଼ଷ୍ଟାର ପ୍ରାର୍ଥୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ସୋରଡ଼ା ନିର୍ବାଚନମଣ୍ଡଳୀରୁ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ ବିଜେଡ଼ିରୁ, ସଂଗ୍ରାମ ମହାନ୍ତି କଂଗ୍ରେସରୁ, ନିରାକର ନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଆସିକା ବିଧାନସଭା କ୍ଷେତ୍ରରୁ ବିଜେଡ଼ି ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ, ଭାଜପାରୁ ଦେବରାଜ ମହାନ୍ତି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀମାନେ ନିଜ ନିଜ ସମର୍ଥକମାନଙ୍କୁ ନେଇ ଶୋଭାଯାତ୍ରାରେ ଆସିଥିବାରୁ ଭଞ୍ଜନଗର ସହର ପ୍ରବଳ ଭିଡ଼ ଦେଖାଯାଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଥିଲା। ମନ୍ତ୍ରୀ ଆରୁଖ ଓ ବିଧାୟକ ସ୍ୱାଇଁ ବାଇପାସ ଛକରୁ ଏକ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିବା ପରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଏହି ସମୟରେ ଭଞ୍ଜନଗର ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଆଇନଜୀବୀ ଏମ୍.ତାଜ୍ ଆଦେନୀ, ଦିବାକର ନାୟକ, ନୋଟାରୀ ଅଶୋକ ଗୌଡ଼, ବେଲଗୁଣ୍ଠା ବ୍ଲକ ବିଜେଡ଼ି ସଭାପତି ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କଂଗ୍ରେସ ନେତାଙ୍କ ପ୍ରାର୍ଥୀପତ୍ର ଦାଖଲ ସମୟରେ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ସନ୍ତୋଷ ନାୟକ, କଂଗ୍ରେସ ଜୋନ ସଭାପତି ଅଯୋଧ୍ୟାନାଥ ମହାପାତ୍ର, ନଗର କଂଗ୍ରେସ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ଯୁବ କଂଗ୍ରେସ ସଭାପତି ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲ ସରିବା ପରେ ୨୭ରେ ଯାଞ୍ଚ ଓ ୨୯ ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ଉକ୍ତ ଦିନ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ।


ବିକ୍ରମ କେଶରୀ ଆରୁଖ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ।

ପୋଲିସ, ଅବକାରୀ ବିଭାଗର ଚଢ଼ାଉ

### ୩୦୦୦ ଲିଟର ପୋଚ ନଷ୍ଟ, ମଦ ଜବତ

**ଗୋପାଳପୁର,୨୫ା୩**

ଅବକାରୀ ବିଭାଗ ଓ ଗୋଳନ୍ଥରା ପୋଲିସ ଇନ୍ଦ୍ରାକ୍ଷୀର ବିଭିନ୍ନ ସ୍ଥାନରେ ମିଳିତ ଚଢାଉ କରି ମହୁଲି ପୋଚ ଓ ଦେଶୀ ମଦ ଜବତ କରିଥିବା ବେଳେ ମଦ ପ୍ରସ୍ତୁତକାରୀଙ୍କ ଟେର୍ ପାଇପାରିନାହିଁ। ଦୀର୍ଘଦିନ ହେଲା ଇନ୍ଦ୍ରାକ୍ଷୀ ଓ ଆଖପାଖ ଅଞ୍ଚଳରେ ଚୋରା ଦେଶୀମଦ ପ୍ରସ୍ତୁତ କରି ଗ୍ରାମାଞ୍ଚଳରେ ବିକ୍ରି କରାଯାଉଥିଲା। ଅବକାରୀ ବିଭାଗ ଓ ପୋଲିସ ପକ୍ଷରୁ ରବିବାର ଚଢ଼ାଉ କରାଯାଇ ବିଭିନ୍ନ ସ୍ଥାନରୁ ୩୦୦୦ ଲିଟର ମହୁଲି ପୋଚ ଜବତ କରି ନଷ୍ଟ କରିବା ସହ ୧୦ ଲିଟର ଦେଶୀ ମଦ, ମଦ ପ୍ରସ୍ତୁତ ସରଞ୍ଜାମ ଜବତ କରାଯାଇଥିଲା। ହେଲେ ମଦ ବ୍ୟବସାୟୀ କିମ୍ବା ପ୍ରସ୍ତୁତକାରୀଙ୍କ ପତ୍ତା ମିଳି ନ ଥିଲା। ଚଢ଼ାଉ ପୂର୍ବରୁ ପ୍ରସ୍ତୁତକାରୀମାନେ ଖସି ପଳାଇଥିବା ଅନୁମାନ କରାଯାଉଛି। ମାତ୍ର କିପରି ଖବର ମିଳୁଛି ତାହା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପୋଲିସ ବିଭାଗ ଚଢ଼ାଉ କରି ସଫଳ ହେବା ସହ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହେଉଛି। ଅନ୍ୟପକ୍ଷରେ ଅବକାରୀ ବିଭାଗ ଚଢ଼ାଉ ବେଳେ କୌଣସି ସୁଫଳ ମିଳୁନାହିଁ କାହିଁକି ତାହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

# ଭାଜପାରେ ଯୋଗଦେଲେ ଜିଲା ବିଜେଡି ଉପସଭାପତି

**ପୁରୁଷୋତ୍ତମପୁର,୨୫ା୩(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ବିଜେଡି ଉପସଭାପତି ତଥା ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡାଙ୍କ ସ୍ୱାମୀ ଅରୁଣ କୁମାର ପଣ୍ଡା ସୋମବାର ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ସୋମବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମୀର ମହାନ୍ତିଙ୍କ ଉପସ୍ଥିତିରେ ଭାଜପାରେ ଯୋଗ ଦେଇଛନ୍ତି। ଏନେଇ ଅରୁଣଙ୍କ ସହ ଯୋଗାଯୋଗ କରିବାରୁ ବିଭିନ୍ନସ୍ଥାନରେ ପ୍ରାର୍ଥୀ ଚୟନକୁ ନେଇ ସେ ଅସନ୍ତୁଷ୍ଟ ଥିବାରୁ ବହୁ କର୍ମୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାକୁ ଭୁବନେଶ୍ୱର ଯାଇଥିଲେ। ମାତ୍ର ସେଠାରେ ତାଙ୍କୁ ଭେଟିବାକୁ ସୁଯୋଗ ଦିଆଗଲା ନାହିଁ। ଦଳର ଜଣେ ବରିଷ୍ଠ ନେତା ହୋଇ ମଧ୍ୟ ଦୀର୍ଘଦିନ ହେଲା ତାଙ୍କୁ ଅଣଦେଖା କରାଯାଉଛି। ତେଣୁ ସେ ଭାଜପାରେ ଯୋଗ ଦେଇଥିବା କହିଛନ୍ତି। ଏନେଇ ତାଙ୍କ ସ୍ତ୍ରୀ ତଥା ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସ୍ୱାମୀଙ୍କ ରାଜନୀତି ସହ ମୋର ସମ୍ପର୍କ ନାହିଁ। ମୁଁ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ। ଅରୁଣଙ୍କ ବିଜେଡି ଛାଡିବା ଦଳ ଉପରେ ପ୍ରଭାବ ପକାଇବ ନାହିଁ ବୋଲି କହିଥିଲେ।


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅରୁଣଙ୍କୁ ସ୍ୱାଗତ କରୁଛନ୍ତି।

### ୧୫ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର



**ବୁଗୁଡ଼ା,୨୫ା୩(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ଭଗବାନପୁର ଗ୍ରାମର ପ୍ରଫୁଲ ସାହୁଙ୍କ ଦୋକାନଘରୁ ସୋମବାର ମଧ୍ୟାହ୍ନରେ ୧୫ ଫୁଟ ଲମ୍ବର ଅହିରାଜ ସାପ ଉଦ୍ଧାର ହୋଇଛି। ଦୋକାନ ଘରେ ସାପ ଥିବାଦେଖି ପ୍ରଫୁଲ୍ଲ ବି.କରଡ଼ାବାଡ଼ିର ସ୍ନେକ୍ ହେଲପ୍ ଲାଇନ ସଦସ୍ୟ ହରିଶ ପାଢ଼ୀଙ୍କୁ ଡ଼ାକିଥିଲେ। ଖବର ପାଇ ହରିଶ ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ପରେ ତାକୁ ନିକଟସ୍ଥ ଜଙ୍ଗଲରେ ଛାଡିଦେଇଥିବା କହିଛନ୍ତି।

ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ

# କଂଗ୍ରେସ ପ୍ରାର୍ଥୀ ହେଲେ ଶ୍ୟାମଘନ

**ଦାରିଙ୍ଗବାଡ଼ି,୨୫ା୩(ଡି.ଏନ.ଏ)**

କନ୍ଧମାଳ ଜିଲା ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ କଂଗ୍ରେସ ପକ୍ଷରୁ ଶ୍ୟାମଘନ ପ୍ରଧାନଙ୍କୁ ପ୍ରାର୍ଥୀ ଘୋଷଣା କରାଯାଇଛି। ମଙ୍ଗଳବାର ସେ ବାଲିଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିବା ପାଇଁ ପ୍ରମାଣପତ୍ର ଯୋଗାଡ଼ କରୁଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ଜି. ଉଦୟଗିରି ବିଧାୟକ ଥିବା କଂଗ୍ରେସର ଯାକବ ପ୍ରଧାନଙ୍କୁ ଦଳ ପୁଣିଥରେ ଟିକେଟ ଦେଇ ନ ଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାକବ ଭୁବନେଶ୍ୱର ଯାଇ ଟିକେଟ ପାଇଁ ଜୋରଦାର ଲବି ଚଳାଇଥିଲେ । ହେଲେ ଶେଷ ମୁହୂର୍ତ୍ତରେ ତାଙ୍କୁ ବାଦଦେଇ ଶ୍ୟାମଘନଙ୍କୁ ଦଳ ପ୍ରାର୍ଥୀ କରିଛି। ଶ୍ୟାମଘନ ବର୍ତ୍ତମାନ ଦାରିଙ୍ଗବାଡ଼ି ବ୍ଲକ ସିର୍କାବର୍ଗ ସରପଞ୍ଚ ଅଛନ୍ତି। ଏହା ପୂର୍ବରୁ ୨୦୦୨ରେ ସିର୍କାବର୍ଗରୁ ନିଦ୍ୱନ୍ଦ୍ୱରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ବେଳେ ୨୦୦୭ରେ ସମିତିସଭ୍ୟ ନିର୍ବାଚିତ ହୋଇଥିଲେ। ସେ ମଧ୍ୟ ଜଣେ ସାମାଜିକ କର୍ମୀ। ଶ୍ୟାମଘନ କଂଗ୍ରେସ ବିଧାୟକ ପ୍ରାର୍ଥୀ ହେବା ପରେ ବିଜେଡି ଏବଂ ଭାଜପା ମଧ୍ୟରେ ତାଙ୍କର କଡ଼ା ଟକ୍କର ହେବ ବୋଲି କୁହାଯାଉଛି। ସେପଟେ ଯାକବ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିପାରନ୍ତି ବୋଲି ତାଙ୍କ ସମର୍ଥକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଛି। ଯାକବ କହିଛନ୍ତି, ସମର୍ଥକମାନେ ଯେଭଳି ଚାହିଁବେ ସେ ଅନୁଯାୟୀ ପଦକ୍ଷେପ ନିଆଯିବ।


ଶ୍ୟାମଘନ ପ୍ରଧାନ ।

**ଯାକବଙ୍କ ସମର୍ଥକ ନିରାଶ**

■ ବାଲିଗୁଡ଼ା,ଜି.ଉଦୟଗିରି ବିଧାନସଭା ଆସନ

# ୭ମ ଦିନରେ ୫ ପ୍ରାର୍ଥୀପତ୍ର ଦାଖଲ

**ବାଲିଗୁଡ଼ା/ଦାରିଙ୍ଗବାଡି, ୨୫ା୩(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ା ଓ ଜି.ଉଦୟଗିରି ବିଧାନସଭା ଆସନ ନିମନ୍ତେ ସୋମବାର ୭ମ ଦିନରେ ମୋଟ ୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଚକ୍ରମଣି କହଁର, କଂଗ୍ରେସ ପ୍ରାର୍ଥୀ ସିମନ ମଲ୍ଲିକ ଓ ହିନ୍ଦୁସ୍ଥାନ ନିର୍ମାଣ ଦଳ ତରଫରୁ ମହିଳା ପ୍ରାର୍ଥୀ ଭାବେ ସୁଷମା କହଁର ବାଲିଗୁଡ଼ା ଉପଜିଲାପାଳ ତଥା ଉପଖଣ୍ଡ ନିର୍ବାଚନ ରିଟର୍ନିଂ ଅଫିସର ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ସାଲୁଗା ପ୍ରଧାନ ଓ ସ୍ୱାଧୀନ ପ୍ରାର୍ଥୀ ପୁସାରା କହଁର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବିଜେଡି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ ସମୟରେ ବାଲିଗୁଡ଼ା ବ୍ଲକ ବିଜେଡି ସଭାପତି ଟୁନା ଦାସ, ଲୋକନାଥ ପାଢ଼ୀ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କଂଗ୍ରେସ ତରଫରୁ ସୀମାଞ୍ଚଳ ଆଚାର୍ଯ୍ୟ, କେ.ବଳରାମ ଦୋରା ଓ କର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ବିଜେଡିର ସାଲୁଗାଙ୍କ ସହ ଦାରିଙ୍ଗବାଡ଼ି ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆର ସିଂ, ଦୀପକ କୁମାର ସାହୁ, ଧର୍ମେନ୍ଦ୍ର ପ୍ରଧାନ, ବ୍ଲକ ସଭାପତି ଦିଲୀପ କୁମାର ପ୍ରଧାନ, ବିରଞ୍ଚି ବିଶୋୟୀ, ଗୟା ପ୍ରଧାନ, ଦାରିଙ୍ଗବାଡ଼ି ବଣିକ ସଂଘ ସଭାପତି ଅରୁଣ କୁମାର ସାହୁ,ଦାରିଙ୍ଗବାଡ଼ି ବ୍ଲକ ଉପାଧ୍ୟକ୍ଷ ରମାକାନ୍ତ ବଳିଆର ସିଂ, ଦୀପକ କୁମାର ସାହୁ, ଧର୍ମେନ୍ଦ୍ର ପ୍ରଧାନ, ବ୍ଲକ ସଭାପତି ଦିଲୀପ କୁମାର ପ୍ରଧାନ, ବିରଞ୍ଚି ବିଶୋୟୀ, ଗୟା ପ୍ରଧାନ, ଦାରିଙ୍ଗବାଡ଼ି ବଣିକ ସଂଘ ସଭାପତି ଅରୁଣ କୁମାର ସାହୁଙ୍କ ସମେତ ରାଇକିଆ, ଜି.ଉଦୟଗିରି, ଦାରିଙ୍ଗବାଡ଼ିର ବହୁ ସମର୍ଥକ ଆସିଥିଲେ। ନାମାଙ୍କନ ଦାଖଲ ପରେ ସାଲୁଗା ପ୍ରଧାନ ଖବରଦାତାମାନଙ୍କୁ କହିଥିଲେ, ୨୦୦୦ରୁ ୨୦୦୪ ପର୍ଯ୍ୟନ୍ତ ଜି.ଉଦୟଗିରି ବିଧାୟକ ରହିଥିଲି। ୧୫ ବର୍ଷ ପରେ ଦଳ ପୁଣି ପ୍ରାର୍ଥୀ କରିଥିବାରୁ ଜିତିବା ପରେ ନିଶ୍ଚିତ ଭାବେ ନିର୍ବାଚନ ମଣ୍ଡଳୀର ବିକାଶ କରିବି ବୋଲି କହିଛନ୍ତି।

ବିଜେଡି ଓ କଂଗ୍ରେସ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କ ସହ ସହରରେ ଶୋଭାଯାତ୍ରା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଏଥିଲାଗି ବାଲିଗୁଡ଼ା ମୁଖ୍ୟ ରାସ୍ତାରେ ଗହଳି ଯୋଗୁ ପ୍ରାୟ ୪ ଘଣ୍ଟା ଧରି ଟ୍ରାଫିକ ଜାମ୍ ହୋଇଥିଲା । ବାଲିଗୁଡ଼ା ଏସଡିପିଓ ବିନିତ ଅଗ୍ରୱାଲଙ୍କ ନେତୃତ୍ୱରେ ବାଲିଗୁଡ଼ା ଥାନା ଅଧିକାରୀ ପ୍ରଶାନ୍ତ ବେହେରା, ତୁମୁଡ଼ିବନ୍ଧ ଥାନା ଅଧିକାରୀ ବାବାଶଙ୍କର ସରଫ ଓ ଅନ୍ୟ ପୋଲିସ କର୍ମଚାରୀମାନେ ଭିଡ଼କୁ ନିୟନ୍ତ୍ରଣ କରିଥିଲେ।


ସମର୍ଥକଙ୍କ ଗହଣରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବାକୁ ଯାଉଛନ୍ତି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ମଙ୍ଗଳବାର, ମାର୍ଚ୍ଚ ୨୬/୨୦୧୯ Berhampur, Tuesday, March 26/ 2019




ଅବକାରୀ ଧରପଗଡ

## ମଦ ଜବତ, ୨ ଗିରଫ

ଆସିକା,୨୫।୩(ଡି.ଏନ୍.ଏ.)

ଆସିକା ଅବକାରୀ ବିଭାଗ ଓ ଜିଲା ଭ୍ରାମ୍ୟମାଣ ଦଳ ପକ୍ଷରୁ ସୋମବାର ଆସିକା ବ୍ଲକ ବାଲିସିରା ଗ୍ରାମ ନିକଟରେ ଚାଲିଥିବା ମଦ ଭାଟି ଉପରେ ଚଢ଼ାଉ କରାଯାଇଥିଲା । ସେଠାରୁ ୩୬ଶହ ଲିଟର ପୋଚ ନଷ୍ଟ କରାଯିବା ସହ ୨୪୦ ଲିଟର ରନ୍ଧାମଦ ଜବତ କରାଯାଇଛି । ଅଭିଯୁକ୍ତମାନେ ଛତ୍ରଭଙ୍ଗ ଦେଇଥିବାରୁ କାହାରିକୁ ଧରାଯାଇ ପାରିନାହିଁ। ଅନ୍ୟପକ୍ଷରେ ଗୁଣ୍ଡପଡା ଓ ବାଲିସିରାରେ ମଦ ଚାଲାଣ କରୁଥିଲା ବେଳେ ଅବକାରୀ ବିଭାଗ ପକ୍ଷରୁ ୨ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁରେନ୍ଦ୍ର ଗୌଡ ଓ ଅଶୋକ ନାୟକ । ତାଙ୍କ ନିକଟରୁ ୧୭ ଲିଟର ରନ୍ଧା ମଦ ଜବତ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଅଭିରାମ ବେହେରା କହିଛନ୍ତି। ଆସିକା ତହସିଲଦାର ସୁବାସ ଚନ୍ଦ୍ର ସେଠିଆ ଚଢ଼ାଉ ବେଳେ ମାଜିଷ୍ଟ୍ରେଟ ଭାବେ ଦାୟିତ୍ୱ ତୁଲାଇଥିଲା ବେଳେ ଇନ୍ସପେକ୍ଟର ବେହେରା, ବଳରାମ ସାହୁ, ଭ୍ରାମ୍ୟମାଣ ଦଳର ଇନ୍ସପେକ୍ଟର ଗଙ୍ଗା ପାଇକରାୟଙ୍କ ସମେତ ପ୍ରମୁଖ ସାମିଲ ଥିଲେ।

## ମଦ ଜବତ, ଜଣେ ଗିରଫ

ଶଙ୍କରାଖୋଲ,୨୫।୩(ଡି.ଏନ୍.ଏ.)

ଟିକାବାଲି ଥାନା (ବି) ବିପଲମଣ୍ଡି ପଞ୍ଚାୟତ ବେଲରସାହିର ଗୋପୀନାଥ କହଁରଙ୍କ ଘରେ ଚଢ଼ାଉ କରି ଟିକାବାଲି ପୋଲିସ ୬୦ଲିଟର ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ସେଠାରୁ ଜବତ ୧୪୦କେଜି ପୋଚ ମଧ୍ୟ ନଷ୍ଟ କରାଯାଇଛି। ନଂ.୩୬/୧୯ରେ ଏକ ମାମଲା ରୁଜୁକରି ଗୋପୀନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଆଦିତ୍ୟ କୁମାର ସେଠୀ ସୂଚନା ଦେଇଛନ୍ତି।




# ଅଭିଯୁକ୍ତଙ୍କୁ ଉଠାଇ ନେଲା ମୁମ୍ବାଇ ପୋଲିସ

ଦିଗପହଣ୍ଡି,୨୫।୩(ଡି.ଏନ.ଏ.)

ଠକେଇ ମାମଲା

ଗଞ୍ଜାମ ଜିଲା ପାଟପୁର ଥାନା ଜିଉରା ଗ୍ରାମର ବାବୁ ସେଠୀଙ୍କୁ ମୁମ୍ବାଇ ଦହିସର ଥାନା ପୋଲିସ ସୋମବାର ଘରୁ ଉଠାଇ ନେଇଛି। ଦହିସର ଥାନା ମାମଲା ନଂ.୧୧୬/୧୯ ଅନୁଯାୟୀ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଟ୍ରାନଜିଟ୍ ରିମାଣ୍ଡରେ ନେବା ପାଇଁ ସାନଖେମୁଣ୍ଡି ଗ୍ରାମ ନ୍ୟାୟାଳୟ ମାଜିଷ୍ଟ୍ରେଟଙ୍କ ନିକଟରେ ଦହିସର ଥାନା ସବ୍‌ଇନ୍ସପେକ୍ଟର ଶ୍ରୀକାନ୍ତ ଏସ୍. ମଗର ଲିଖିତ ଆବେଦନ କରିଥିଲେ। କୋର୍ଟ ପକ୍ଷରୁ ଆବେଦନକୁ ମଞ୍ଜୁର କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ବାବୁ ମୁମ୍ବାଇର ଏକ ଘରୋଇ କମ୍ପାନୀରେ ସୁପରଭାଇଜର କାମ କରୁଥିଲେ। ଗତ ଫେବୃଆରୀ ୨୨ରେ ଶ୍ରମିକଙ୍କ ମଜୁରି ବାବଦକୁ ପ୍ରାୟ ଦେଢ଼ ଲକ୍ଷ ଟଙ୍କା କମ୍ପାନୀ ମ୍ୟାନେଜରଙ୍କ ଠାରୁ ଠକି ନେଇଥିବା ଅଭିଯୋଗ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ଏତଲାକ୍ରମେ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଥିଲା। ମୁମ୍ବାଇ ବସିଭାଲି ୨୬ତମ ଜେଏମ୍‌ଏଫସି ମେଟ୍ରୋପଲିଟାନ କୋର୍ଟଙ୍କ ୱାରେଣ୍ଟକୁ ଭିତ୍ତିକରି ମୁମ୍ବାଇ ଦହିସର ଥାନା ଏସ୍‌ଆଇ ଓ ଅନ୍ୟ ଜଣେ କନଷ୍ଟେବଳ ସୋମବାର ଭୋରରେ ପାଟପୁର ଥାନାରେ ପହଞ୍ଚିଥିଲେ। ପାଟପୁର ଆଇଆଇସି ରମେଶ କୁମାର ପ୍ରଧାନ ଓ ଅନ୍ୟ କର୍ମଚାରୀଙ୍କ ସହାୟତାରେ ମୁମ୍ବାଇ ପୋଲିସ ଅଭିଯୁକ୍ତଙ୍କ ଘର ଉପରେ ଅତର୍କିତ ଚଢ଼ାଉ କରି ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

# ହିଞ୍ଜିଳିକାଟୁ, ବେଲଗାଁରେ ଦଣ୍ଡଯାତ୍ରା ଆରମ୍ଭ

ହିଞ୍ଜିଳିକାଟୁ,୨୫।୩(ଡି.ଏନ୍.ଏ.)


ଦଣ୍ଡୁଆମାନେ ସହର ପରିକ୍ରମା କରୁଛନ୍ତି ।

ହିଞ୍ଜିଳିକାଟୁ ଓ ବେଲଗାଁରେ ସୋମବାର ୨୧ ଦିନିଆ ଦଣ୍ଡଯାତ୍ରାର ଶୁଭାରମ୍ଭ ହୋଇଛି। ହିଞ୍ଜିଳି ହରଗୌରୀ ଦଣ୍ଡକାଳୀ ବଡ଼ପୁଞ୍ଜା ଓ ସାନପୁଞ୍ଜା ପକ୍ଷରୁ ମାନସିକଧାରୀ ଦଣ୍ଡୁଆମାନେ ହାତରେ ପିଞ୍ଛମୁଠା, ବାନାଧରି ଢୋଲ, ମହୁରି ବଜାଇ ସହର ପରିକ୍ରମା କରିଥିଲେ। ମାନସିକଧାରୀଙ୍କ ଭକ୍ତମାନେ ପୂଜା ନୈବେଦ୍ୟ ଓ ପୂର୍ଣ୍ଣକୁମ୍ଭ ରଖି ଦଣ୍ଡକାଳୀଙ୍କୁ ସ୍ୱାଗତ କରିଥିଲେ। ସହର ପରିକ୍ରମାପରେ ମୂଳପୀଠରେ ପ୍ରଥମ ଦିନ ଧୂଳିଦଣ୍ଡ ଓ ଜଳଦଣ୍ଡ ହୋଇଥିଲା। ମଧ୍ୟରାତିରେ ଅଗ୍ନିଦଣ୍ଡ ପରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଥିଲା ଗାଁ ଦାଣ୍ଡ। ଚଳିତବର୍ଷ ବଡପୁଞ୍ଜା ନାଟ୍ୟ ସଂସଦ ପକ୍ଷରୁ 'କିଣି ନେଲା ମନ କଳା ନାଗର' ଓ ସାନପୁଞ୍ଜା ପକ୍ଷରୁ 'ଅଧେ ତୋର ଅଧେ ମୋର' ଏବଂ ବେଲଗାଁ ଦଣ୍ଡକାଳୀ ନାଟ୍ୟ ସଂସଦର 'ଅଲକ୍ଷଣୀ' ସାମାଜିକ ନାଟକ ପରିବେଷଣ କରାଯାଉଛି।

# ନିଆଁ ଲାଗି ଘର, ଗୁହାଳ ଜଳିଗଲା

ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୨୫।୩ (ଡି.ଏନ.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ କୁମ୍ଭାରିଗାଁ ପଞ୍ଚାୟତ ଟୁଡବିଜୁ ଗ୍ରାମରେ ନିଆଁଲାଗି ଗୋଟିଏ ଘର ସହ ଗୁହାଳ ଘର ପୋଡି ପାଉଁଶ ହୋଇଯାଇଛି। ଘରର ଆସବାବପତ୍ର, ଖାଦ୍ୟଶସ୍ୟ ସହ ଛେଳି ଓ କୁକୁଡା ଆଦି ଜଳି ଯାଇଥିବା ଘର ମାଲିକ ମୁକୁନ୍ଦ ପାଟମାଝି ଅଭିଯୋଗ କରିଛନ୍ତି। ଖବରପାଇ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବିପନ୍ନଙ୍କୁ ପଲିଥିନ ଓ ଚାଉଳ ଯୋଗାଇ ଦିଆଯାଇଛି। ସୂଚନାଯୋଗ୍ୟ, ପୂର୍ବାହ୍ନରେ ମୁକୁନ୍ଦଙ୍କ ଘରେ ରୋଷେଇ ଚାଲିଥିବା ବେଳେ କୌଣସି କାରଣରୁ ନିଆଁ ଟିଣ ଛପରକୁ ଧରିଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।









2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ